The Odisha Gazette

EXTRAORDINARY

PUBLISHED BY AUTHORITY

No. 32 CUTTACK, WEDNESDAY, JANUARY 5, 2022/PAUSA 15, 1943

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

The 25th November 2021

No. 35456—RDM-LAA-MBJ-0005-2021/ R&DM— ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୁରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚାକୁଣ୍ଡାପଦା ସବ-ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- **ଚାକୁଣ୍ଡାପଦା**, ଥାନା- ବେତନଟୀ ନଂ. ୫, ତହସିଲ- ମୋରଡା, ଜିଲ୍ଲା- ମୟୁରଭଞ୍ଜ ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ. ୪.୬୪** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

## ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ-** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚାକୁଣ୍ଡାପଦା ସବ-ମାଇନର ନିର୍ମାଣ ନିମନ୍ତେ ।

**୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ନିର୍ବାହୀ ଯନ୍ତ୍ରୀ, ବେତନଟୀ କେନାଲ ଡିଭିଜନ, ଲକ୍ଷ୍ମୀପୋଷି,ମୟୁରଭଞ୍ଜ।

**୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- -** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରି କରିବା।

**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପ ଜିଲ୍ଲାପାଳ, ବାରିପଦା,ମୟୁରଭଞ୍ଜ ।

**୬- ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ମୟୁରଭଞ୍ଜ | ମୋରଡା | ଚାକୁଣ୍ଡାପଦା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧୭.୯୯ | ଏ. ୪.୬୪ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସ୍ଥିତ **ମୟୁରଭଞ୍ଜଙ୍କ** କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ମୟୁରଭଞ୍ଜଙ୍କ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୫୧/୨୦୧୯

ଏ. ୪.୬୪ ଡେ.ମି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଚାକୁଣ୍ଡାପଦା ସବ-ମାଇନର

ମୌଜା- ଚାକୁଣ୍ଡାପଦା, ଥାନା- ବେତନଟୀ ନଂ- ୫, ତହସିଲ- ମୋରଡା, ଜିଲ୍ଲା- ମୟୂରଭଞ୍ଜ

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | | | ୫ | ୬ |
| ୨୦ ରୟତି | ୪୨୯ | ୧.୧୯ | ୦.୪୫ | ଶାରଦଏକ | ଗୋକୁଳ ଚନ୍ଦ୍ର ମହାନ୍ତ ପି:କାଳାଚାନ୍ଦ ମହାନ୍ତ ଜା: କୁଡୁମି କ୍ଷେତ୍ରିୟ ବା: ନିଜଗାଁ |
| ୪୨ ରୟତି | ୪୨୭ | ୧.୭୯ | ୦.୨୭ | ଶାରଦଏକ | ନଟବର ମହାନ୍ତ, ଗୋକୁଳ ଚନ୍ଦ୍ର ମହାନ୍ତ ପି: କାଳାଚାନ୍ଦ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| | ୪୭୩ | ୦.୪୧ | ୦.୦୩ | ଡାହି ଏକ | |
| | ୪୩୦ | ୦.୮୬ | ୦.୨୪ | ଡାହି ଏକ | |
| ୭୦ ରୟତି | ୪୩୪/୬୬୨ | ୧.୬୪ | ୦.୨୫ | ଡାହି ଏକ | ରସାନନ୍ଦ ମହାନ୍ତ ପି:ଆଦିକନ୍ଦ ମହାନ୍ତ ଜା: କୁଡୁମି କ୍ଷେତ୍ରିୟ ବା: ନିଜଗାଁ |
| | ୪୪୨/୬୫୩ | ୦.୨୦ | ୦.୦୬ | ଡାହି ଏକ | |
| ୮୫ ରୟତି | ୪୮୫ | ୦.୬୬ | ୦.୧୭ | ଡାହି ଏକ | ଶିଖର ମହାନ୍ତ ପି:ଦୁବରାଜ ମହାନ୍ତ ଜା: କୁଡୁମି କ୍ଷେତ୍ରିୟ ବା: ନିଜଗାଁ |
| ୮୬ ରୟତି | ୪୮୪ | ୦.୯୫ | ୦.୨୧ | ଶାରଦଏକ | ଶିଖର ମହାନ୍ତ ପି: ଦୁବରାଜ ମହାନ୍ତ, କଷ୍ଟ ମହାନ୍ତ, ଅକ୍ଷୟ ମହାନ୍ତ, ଚନ୍ଦ୍ର ମୋହନ ମହାନ୍ତ, ଚିନ୍ତା ମହାନ୍ତ, ଢେନି ମହାନ୍ତ ପି: ହାଡିରାମ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| ୯୨ ରୟତି | ୪୭୫ | ୦.୬୩ | ୦.୨୯ | ଡାହି ଏକ | ହର ମୋହନ ମହାନ୍ତ ପି:ଦୁଖୁ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| ୯୫/୩୦ ରୟତି | ୪୭୫/୬୦୫ | ୦.୪୮ | ୦.୧୧ | ଡାହି ଏକ | ଶିଖର ମହାନ୍ତ ପି:ଦୁବରାଜ ମହାନ୍ତ ଜା: କୁଡୁମି ବା: ଚାକୁଣ୍ଡାପଦା |
| ୯୫/୫୧ ରୟତି | ୪୭୪ | ୨.୨୦ | ୦.୧୮ | ଡାହି ଏକ | ସରସ୍ୱତୀ ମହାନ୍ତ ସ୍ୱା:ଉଗ୍ରସେନ ମହାନ୍ତ ଜା: କୁଡୁମି ବା: ସାନକେରକ |
| ୯୫/୭୧ ରୟତି | ୪୩୪/୬୬୪ | ୧.୪୪ | ୦.୨୫ | ଡାହି ଏକ | ଶଶଧର ମହାନ୍ତ ପି:ଆଦିକନ୍ଦ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| | ୪୪୧ | ୦.୩୬ | ୦.୩୨ | ଡାହି ଏକ | |
| | ୪୪୨ | ୦.୨୦ | ୦.୦୬ | ଡାହି ଏକ | |
| ୯୫/୭୪ ରୟତି | ୪୭୫/୬୩୭ | ୦.୬୧ | ୦.୩୪ | ଡାହି ଏକ | କନକଲତା ମହାନ୍ତ ସ୍ୱା:ଛତିଶ ଚ଼ନ୍ଦ୍ର ମହାନ୍ତ ଜା: କୁଡୁମି ବା: ନିଜଗାଁ |
| ୯୫/୭୭ ରୟତି | ୪୨୬ | ୦.୯୫ | ୦.୧୦ | ଶାରଦଏକ | ଭାରତୀ ମହାନ୍ତ ପି: ରମେଶ ମହାନ୍ତ, ଗୋଲାପ ମହାନ୍ତ ସ୍ୱା: ରମେଶ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| | ୪୩୦/୬୭୧ | ୦.୩୪ | ୦.୧୩ | ଡାହି ଏକ | |

| | | | | | |
|---|---|---|---|---|---|
| ୯୫/୭୯ ରୟତି | ୪୨୮ | ୦.୨୮ | ୦.୦୯ | ଶାରଦଏକ | ମାନିକରାମ ମହାନ୍ତ ପି:ରତ୍ନାକର ମହାନ୍ତ ଜା: କୁଡୁମି ବା: ନଙ୍ଗଳକଟା |
| | ୪୨୯/୬୨୨ | ୦.୪୧ | ୦.୧୭ | ଶାରଦଏକ | |
| ୯୫/୮୬ ରୟତି | ୩୦୦ | ୧.୩୫ | ୦.୫୩ | ଡାହି ଏକ | ଲକ୍ଷ୍ମୀରାଣୀ ସାହା ସ୍ୱା:ଗୌତମ କୁମାର ସାହା ଜା: ବୈଶ୍ୟ ବା: ୱାର୍ଡ ନଂ - 13 ପାଲବଣି ଥାନା - ବାରିପଦା |
| | ୩୦୧ | ୦.୦୩ | ୦.୦୩ | ଡାହି ଏକ | |
| | ୩୦୨ | ୧.୦୧ | ୦.୩୬ | ଡାହି ଏକ | |
| ମୋଟ | ୨୨ ପ୍ଲଟ | ଏ.୧୭.୯୯ ଡେ.ମି. | ଏ.୪.୬୪ ଡେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ

ଅଭୟ କୁମାର ନାୟକ

ଅତିରିକ୍ତ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1646—173+25